# NATIONAL NEWS BULLETIN (ODIA)

## 14 April - 2026

## Morning Bulletin : 7.15 a.m.

********************************

## ମୁଖ୍ୟ ସମ୍ବାଦ

- ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡ଼ରର ଆଜି ଶୁଭାରମ୍ଭ କରିବେ ପ୍ରଧାନମନ୍ତ୍ରୀ ।
- ଦେଶ ବ୍ୟାପି ଆଜି ପାଳନ କରାଯାଉଛି ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ।
- ଦେଶରେ କୃଷି ଉତ୍ପାଦଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ସଂକ୍ରାନ୍ତ ଆବେଦନ ଉପରେ କେନ୍ଦ୍ର ସରକାରଙ୍କୁ ନୋଟିସ୍ ଜାରି କଲେ ସୁପ୍ରିମ୍‌କୋର୍ଟ୍ ।
- ମଧ୍ୟପ୍ରାଚ୍ୟରେ ଇରାନ୍ ବନ୍ଦରଗୁଡ଼ିକୁ ଅବରୋଧ କରିବା ଲକ୍ଷ୍ୟ ନେଇ ନୌସେନା ଜାହାଜ ମୁତୟନ ପାଇଁ ପଦକ୍ଷେପ ଗ୍ରହଣ କଲା ଆମେରିକା ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ର ଗତକାଲିର ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସକୁ ୫୭ରନ୍‌ରେ ପରାସ୍ତ କଲା ସନ୍‌ରାଇଜର୍ସ ହାଇଦ୍ରାବାଦ୍ ।

# ପିଏମ୍-ୟୁପି ୟୁକେ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଉତ୍ତରାଖଣ୍ଡର ଡେରାଡୁନ୍ ଠାରେ ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡ଼ରର ଶୁଭାରମ୍ଭ କରିବେ । ଉତ୍ତରାଖଣ୍ଡ ଓ ଉତ୍ତରପ୍ରଦେଶ ଗସ୍ତ ଅବସରରେ ଶ୍ରୀ ମୋଦୀ ଡେରାଡୁନ୍ ନିକଟସ୍ଥ ମା' ଦାଟ୍ କାଳିଙ୍କ ମଧ୍ୟରେ ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି ।

୨୧୩ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି ୬ ଥାକିଆ ଦିଲ୍ଲୀ-ଡେରାଡୁନ୍ ଅର୍ଥନୈତିକ କରିଡ଼ର ଲାଗି ୧୨ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ କରାଯାଇଛି । ଏହାଦ୍ୱାରା ଦିଲ୍ଲୀ-ଡେରାଡୁନ୍ ମଧ୍ୟରେ ଗମନାଗମନ ସମୟ ୬ ଘଣ୍ଟାରୁ ହ୍ରାସ ପାଇ ଅଢ଼େଇ ଘଣ୍ଟା ହେବ ବୋଲି କୁହାଯାଇଛି ।

ଯାତ୍ରୀମାନଙ୍କ ପାଇଁ ଏକ ସୁରକ୍ଷିତ ଏବଂ ସୁଗମ ଯାତ୍ରା ସୁନିଶ୍ଚିତ କରିବାରେ କରିଡ଼ରରେ ଉନ୍ନତ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି । ପରିବେଶଗତ ସମ୍ବେଦନଶୀଳତା, ଜୈବ ବିବିଧତା ଏବଂ ବନ୍ୟପ୍ରାଣୀଙ୍କୁ ଦୃଷ୍ଟିରେ ରଖି ଉଭୟ ମଣିଷ ଓ ପଶୁ ମୁକାବିଲାକୁ ହ୍ରାସ କରିବା ଲକ୍ଷ୍ୟ ନେଇ ଏହି କରିଡ଼ରକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି । ବନ୍ୟପ୍ରାଣୀଙ୍କ ମୁକ୍ତ ଗତିବିଧିକୁ ଏହା ସୁନିଶ୍ଚିତ କରିବ । ଏଥିରେ ୧୨ କିଲୋମିଟର ଦୀର୍ଘ ବନ୍ୟପ୍ରାଣୀ ଉଚ୍ଚ କରିଡ଼ର ରହିଛି, ଯାହାକି ଏସିଆର ସବୁଠାରୁ ଦୀର୍ଘ ପଥ ମଧ୍ୟରୁ ଗୋଟିଏ । ୮ଟି ବନ୍ୟପ୍ରାଣୀଙ୍କ ଯାତାୟତ

ସ୍ଥାନ, ୨୦୦ ମିଟରର ଦୁଇଟି ଭୂତଳ ହାତୀ ଚଳାଚଳପଥ ଏବଂ ଦାଟ୍‌କାଳୀ ମନ୍ଦିର ନିକଟରେ ୩୭୦ ମିଟର ଲମ୍ବ ଏକ ସୁଡ଼ଙ୍ଗ ରହିଛି ।

## ଆମ୍ବେଦକର ଜୟନ୍ତୀ

ସମ୍ବିଧାନ ପ୍ରଣେତା ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ୧୩୬ତମ ଜୟନ୍ତୀ ଆଜି ଦେଶ ବ୍ୟାପି ପାଳନ କରାଯାଉଛି । ଏହି ଅବସରରେ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ନୂଆଦିଲ୍ଲୀରେ ଡକ୍ଟର ବି.ଆର୍. ଆମ୍ବେଦକରଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ପାଇଁ ପୂର୍ବାହ୍ନରେ ସଂସଦ ଭବନ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

୧୮୯୧ ମସିହା ଏପ୍ରିଲ୍ ୧୪ ତାରିଖରେ ମଧ୍ୟପ୍ରଦେଶରେ ଜନ୍ମ ଗ୍ରହଣ କରିଥିବା ଶ୍ରୀ ଆମ୍ବେଦକର ସାମାଜିକ ବୈଷମ୍ୟ ବିରୁଦ୍ଧରେ ଲଢ଼େଇ ପାଇଁ ତାଙ୍କ ଜୀବନକୁ ଉତ୍ସର୍ଗ କରିଥିଲେ । ସମାଜରେ ମହିଳା, ଶ୍ରମିକ ଏବଂ ଅନ୍ୟାନ୍ୟ ଅବହେଳିତ ସମ୍ପ୍ରଦାୟଙ୍କ ପାଇଁ ସମାନ ଅଧିକାର ସୁନିଶ୍ଚିତ କରିବା ଲକ୍ଷ୍ୟରେ ସେ ବହୁ ପଦକ୍ଷେପ ଗ୍ରହଣ କରିଥିଲେ । ତାଙ୍କର ଦୃଷ୍ଟିକୋଣ ଏକ ନ୍ୟାୟ ପୂର୍ଣ୍ଣ ଏବଂ ସମାବେଶୀ ସମାଜର ମୂଳଦୁଆ ସ୍ଥାପନ କରିଥିଲା । ଡକ୍ଟର ଆମ୍ବେଦକରଙ୍କର ଅର୍ଥନୈତିକ ନୀତି ଏବଂ ଭିତ୍ତିଭୂମିରୁ ସାମ୍ବିଧାନିକ ଆଇନ୍ ବ୍ୟବସ୍ଥା ପର୍ଯ୍ୟନ୍ତ ତାଙ୍କୁ ଜଣେ ରାଷ୍ଟ୍ର ନିର୍ମାତା ଭାବରେ ପ୍ରତିପାଦନ କରିଥିଲା । ନ୍ୟାୟପୂର୍ଣ୍ଣ ଏବଂ ସମାନତା ପୂର୍ଣ୍ଣ ସମାଜ

ଗଠନରେ ସେ ନିଜର ଅଙ୍ଗୀକାରବଦ୍ଧତା ପ୍ରକାଶ କରିଥିଲେ । ୧୯୯୦ ମସିହାରେ ଡକ୍ଟର ଆମ୍ବେଦକରଙ୍କୁ ମରୋଣତ୍ତର ଭାବେ ଭାରତ ରତ୍ନରେ ସମ୍ମାନିତ କରାଯାଇଛି ।

## ଗୁଜରାଟ-ପ୍ରେଜ୍ ଭିଜିଟ୍ ଡେ ଟୁ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଗୁଜରାଟର ଗାନ୍ଧିନଗର ସ୍ଥିତ ଲୋକଭବନରେ ସାମାଜିକ ସମରସତ୍ତା ମହୋତ୍ସବରେ ଅଂଶଗ୍ରହଣ କରିବେ । ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ଜନ୍ମ ବାର୍ଷିକୀ ପାଳନ ଅବସରରେ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ଗୁଜରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ, ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେବେ । ଗୁଜରାଟକୁ ଦୁଇ ଦିନିଆ ଗସ୍ତରେ ଯାଇଥିବା ରାଷ୍ଟ୍ରପତି ମୁର୍ମୁ ଆଜି ଗାନ୍ଧିନଗର ସ୍ଥିତ ରାଷ୍ଟ୍ରୀୟ ରକ୍ଷା ବିଶ୍ୱବିଦ୍ୟାଳୟର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହି ଅବସରରେ ୫୯୩ ଜଣ ଛାତ୍ରଛାତ୍ରୀଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଡିଗ୍ରୀ ପ୍ରଦାନ କରାଯିବ ।

## ଏସ୍‌ସି-ଏମ୍‌ଏସ୍‌ପି

ଦେଶରେ କୃଷି ଉତ୍ପାଦ ଗୁଡ଼ିକର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ସଂକ୍ରାନ୍ତ ଏକ ଆବେଦନର ପ୍ରାଥମିକ ଶୁଣାଣି କରି ସୁପ୍ରିମ୍‌କୋର୍ଟ୍ କେନ୍ଦ୍ର ସରକାର ଏବଂ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କଠାରୁ ଜବାବ ମାଗିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ଗତକାଲି ଏହି ଆବେଦନର ଶୁଣାଣି କରି କେନ୍ଦ୍ର ସରକାରଙ୍କ ସହ ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ, କୃଷି ଖର୍ଚ୍ଚ ମୂଲ୍ୟ କମିଶନ୍‌ଙ୍କୁ ନୋଟିସ୍ ଜାରି କରିଛନ୍ତି । ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣରେ ରାଜ୍ୟ ଭିତ୍ତିକ ନିର୍ଦ୍ଦିଷ୍ଟ କୃଷି ଖର୍ଚ୍ଚକୁ ଗୁରୁତ୍ୱ ଦେବା ନେଇ ଆବେଦନରେ ଉଲ୍ଲେଖ କରାଯାଇଛି । ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଣ୍ଣୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଅର୍ଥନୈତିକ ଚିନ୍ତାଧାରା ସଂଶ୍ଳିଷ୍ଟ ରହିଥାଏ । ଏଥିରେ ରାଜ୍ୟଗୁଡ଼ିକର ଜମି ଓ ପୁଞ୍ଜି ଖର୍ଚ୍ଚର ପରିମାଣ ଅନ୍ତର୍ଭୁକ୍ତ ରହିଛି । ନୋଟିସ୍ ଜାରି କରିବା ଅବସରରେ ଖଣ୍ଡପୀଠ କହିଛନ୍ତି, ଏ କ୍ଷେତ୍ରରେ ସମାନ ନୀତି ପ୍ରଣୟନ ଉପରେ ସମୀକ୍ଷା କରାଯିବାର ଆବଶ୍ୟକତା ରହିଛି ।

## ୟୁଏସ୍-ସିପ୍ ଡେପ୍ଲାମେଣ୍ଟ

ଆମେରିକା ମଧ୍ୟପ୍ରାଚ୍ୟରେ ଇରାନ୍ ବନ୍ଦରଗୁଡ଼ିକୁ ଅବରୋଧ କରିବା ଲକ୍ଷ୍ୟ ନେଇ ନୌସେନା ଜାହାଜ ମୁତୟନ କରିଛି । ସେଥିରେ

ୟୁ.ଏସ୍.ଏସ୍. ଆବ୍ରାହମ୍ ଲିଙ୍କନ୍ ସମେତ ୧୫ଟି ନୌ ଜାହାଜ ଅନ୍ତର୍ଭୁକ୍ତ । ସେଠାକାର ବ୍ୟାପକ ଅଞ୍ଚଳରେ ଏହି ଜାହାଜ ଗୁଡ଼ିକ ଅଭିଯାନରେ ସାମିଲ ହେବେ । ୟୁ.ଏସ୍.ଏସ୍. ତ୍ରିପୋଲି, ନ୍ୟୁ ଅର୍ଲିନ୍ସ ଏବଂ ରସ୍‌ମୋର୍ ଆଦି ଯୁଦ୍ଧ ଜାହାଜ ଗୁଡ଼ିକ ମଧ୍ୟ ଏହି ଅଭିଯାନରେ ସାମିଲ ହୋଇଛନ୍ତି । ସମ୍ପୃକ୍ତ ଅଞ୍ଚଳରେ ପହଞ୍ଚିବା ପାଇଁ ଜାହାଜ ଗୁଡ଼ିକ ସୁଏଜ୍ କେନାଲ କିମ୍ବା ଆଫ୍ରିକା ଦେଇ ଯାତ୍ରା କରିବେ ବୋଲି ଜଣାପଡ଼ିଛି । ଇସଲାମାବାଦଠାରେ ଆମେରିକା-ଇରାନ୍ ମଧ୍ୟରେ ଯୁଦ୍ଧ ବିରତି ନେଇ ହୋଇଥିବା ଆଲୋଚନା ବିଫଳ ହେବା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି । ଦୁଇ ସପ୍ତାହର ଯୁଦ୍ଧ ବିରତି ସମୟ ଶେଷ ସୁଦ୍ଧା ଇରାନ୍ ଚୁକ୍ତି ନେଇ ସହମତି ପ୍ରଦାନ ନ କରେ ଗମ୍ଭୀର ପରିଣାମ ଭୋଗିବାକୁ ପଡ଼ିବ ବୋଲି ଶ୍ରୀ ଟ୍ରମ୍ପ୍ ଚେତାବନୀ ଦେଇଛନ୍ତି । ସେ କହିଛନ୍ତି, ଇରାନ୍‌ରୁ ଗୁରୁତ୍ୱପୂର୍ଣ୍ଣ ୟୁରାନିୟମ୍ ଜବତ କରିବା ପାଇଁ ଆମେରିକା ବିଚାର କରୁଛି ଏବଂ ଆବଶ୍ୟକ ସ୍ଥଳେ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଏସ୍‌ସି-ଲାଲୁପ୍ରସାଦ

ଚାକିରି ପାଇଁ ଜମି ସଂକ୍ରାନ୍ତ ମାମଲାରେ ଦାଖଲ ହୋଇଥିବା ଚାର୍ଜସିଟ୍ ଏବଂ ସିବିଆଇ ଦ୍ୱାରା ରୁଜୁ ଏଫ୍‌ଆଇଆର୍‌କୁ ରଦ୍ଦ କରିବା ସଂକ୍ରାନ୍ତ ବରିଷ୍ଠ ଆର୍.ଜେ.ଡି. ନେତା ଲାଲୁ ପ୍ରସାଦ ଯାଦବଙ୍କ

ଆବେଦନକୁ ସୁପ୍ରିମ୍‌କୋର୍ଟ୍ ଖାରଜ କରିଦେଇଛନ୍ତି । ବିଚାରପତି ଜଷ୍ଟିସ୍ ଏମ୍.ଏମ୍. ସୁନ୍ଦରେସ୍ ଏବଂ ଜଷ୍ଟିସ୍ ଏନ୍. କୋଟିଶ୍ୱର ସିଂହଙ୍କ ଖଣ୍ଡପୀଠ ଏହି ନିଷ୍ପତ୍ତି ଗ୍ରହଣ କରିଛନ୍ତି । ତେବେ ବୟସ ଦୃଷ୍ଟିରୁ ଶ୍ରୀ ଯାଦବଙ୍କୁ ଟ୍ରାଏଲ୍ କୋର୍ଟ୍‌ରେ ବ୍ୟକ୍ତିଗତ ଭାବେ ହାଜର ହେବା ଉପରେ ରହିତାଦେଶ ଜାରି କରିଛନ୍ତି । ଶୁଣାଣି ସମୟରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ସିବିଆଇ ନିଜର ପକ୍ଷ ରଖିଥିଲା । ପୂର୍ବରୁ ୨୦୧୮ ମସିହାରେ ଦିଲ୍ଲୀ ହାଇକୋର୍ଟ୍ ଏ ସଂକ୍ରାନ୍ତ ଆବେଦନର ବିଚାର କରି ଖାରଜ କରିଥିଲେ ।

ସୂଚନା ଯୋଗ୍ୟ ଶ୍ରୀ ଯାଦବ ରେଳ ମନ୍ତ୍ରୀ ଥିବା ସମୟରେ ତାଙ୍କ ପରିବାର ସଦସ୍ୟ ଏବଂ ସହଯୋଗୀଙ୍କୁ ହସ୍ତାନ୍ତର କରାଯାଇଥିବା ଜମି ବଦଳରେ ରେଳ ବାଇ ବେଆଇନ୍ ଭାବେ ନିଯୁକ୍ତି ପ୍ରଦାନ କରାଯିବା ନେଇ ଅଭିଯୋଗ ରହିଛି ।

## ମହାବିଷୁବ ସଂକ୍ରାନ୍ତୀ

ଆଜି ହେଉଛି ପବିତ୍ର ମହାବିଷୁବ ସଂକ୍ରାନ୍ତି । ବସନ୍ତ ଋତୁ ଶେଷ ହୋଇ ଗ୍ରୀଷ୍ମଋତୁ ଆଜିଠାରୁ ଆରମ୍ଭ ହେଉଛି । ଗ୍ରୀଷ୍ମର ପ୍ରକୋପ ବୃଦ୍ଧି ପାଇବା ସହ ବାୟୁର ଗତି ମଧ୍ୟ ପ୍ରଖର ହୋଇଥାଏ । ଆଜି ଦିନକୁ ପଣାସଂକ୍ରାନ୍ତି ଭାବେ ମଧ୍ୟ ପାଳନ କରାଯାଉଛି । ଓଡ଼ିଆ ପାଞ୍ଜି ହିସାବରେ ମହାବିଷୁବ ସଂକ୍ରାନ୍ତିକୁ ବର୍ଷର ପ୍ରଥମ ଦିନ ଭାବେ ପାଳନ କରାଯାଇଥାଏ

। ରାଜ୍ୟବାସୀ ଏହି ଦିବସକୁ ଅତି ନିଷ୍ଠାର ସହ ପାଳନ କରିଥା'ନ୍ତି । ବିଷୁବ ସଂକ୍ରାନ୍ତିରେ ରାଜ୍ୟର ବିଭିନ୍ନ ସ୍ଥାନରେ ଜାରି ରହିଥିବା ଦଣ୍ଡଯାତ୍ରା, ଚଡ଼କ ପର୍ବ, ଝାମୁଯାତ୍ରା, ହିଙ୍ଗୁଳା ଯାତ୍ରା ଏବଂ ପାଟୁଆ ଯାତ୍ରା ଉଦ୍‌ଯାପିତ ହୋଇଥାଏ । ଏହି ଅବସରରେ ଘରେ ଘରେ ଦେବଦେବୀଙ୍କ ପାଖରେ ସ୍ୱତବ ପୂଜାର୍ଚ୍ଚନା କରାଯାଉଛି । ପ୍ରଭୁ ଶ୍ରୀରାମଙ୍କ ପରମ ଭକ୍ତ ଶ୍ରୀଶ୍ରୀହନୁମାନଙ୍କର ମଧ୍ୟ ଆଜି ଜୟନ୍ତୀ । ଅଗ୍ନି ଓ ବାୟୁର ପ୍ରକୋପରୁ ରକ୍ଷା ପାଇବାପାଇଁ ଏହି ପବିତ୍ର ଦିନରେ ପ୍ରଭୁ ହନୁମାନଙ୍କର ପୂଜା କରାଯାଇଥାଏ ।

ପଞ୍ଜାବରେ ମଧ୍ୟ ଆଜି ଅତ୍ୟନ୍ତ ନିଷ୍ଠା, ଭକ୍ତି ଏବଂ ଉତ୍ସାହର ସହ ବୈଶାଖୀ ପର୍ବ ପାଳନ କରାଯାଉଛି । ୧୬୯୯ ମସିହାରୁ ଦଶମ ଗୁରୁ ଶ୍ରୀ ଗୁରୁ ଗୋବିନ୍ଦ ସିଂହ ଜୀଙ୍କ ଦ୍ୱାରା ଆଜି ଖାଲସାପନ୍ଥ ପ୍ରତିଷ୍ଠା କରାଯାଇଥିଲା । ଏହି ଅବସରରେ ଶ୍ରୀ ଆନନ୍ଦପୁର ସାହିବ ଠାରେ ଅନୁଷ୍ଠିତ ଗୁରୁଦ୍ୱାରା ତଖତ୍ ଶ୍ରୀ କେଶଗଡ଼ ସାହିବରେ ଶ୍ରଦ୍ଧାଳୁ ପୂଜାର୍ଚ୍ଚନା କରୁଛନ୍ତି ।  ବିଭିନ୍ନ ଗୁରୁଦ୍ୱାରରେ ଆଜି ଏଥିପାଇଁ ସ୍ୱତନ୍ତ୍ର ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କୃଷିଜୀବୀ ଆଜି ସେମାନଙ୍କ କ୍ଷେତରେ ଗହମ ଫସଲ ଅମଳ କରିବାର ପ୍ରଥା ରହିଛି ।

## ଷ୍ଟାର୍ଟଅପ୍ ଇଣ୍ଡିଆ-ଫଣ୍ଡ

ଦେଶରେ ଷ୍ଟାର୍ଟଅପ୍ ଇକୋସିଷ୍ଟମ୍‌ରେ ନିବେଶକୁ ବୃଦ୍ଧି କରିବା ଲକ୍ଷ୍ୟ ନେଇ ଦ୍ୱିତୀୟ ପର୍ଯ୍ୟାୟ ଷ୍ଟାର୍ଟଅପ୍ ଇଣ୍ଡିଆ ଫଣ୍ଡ୍‌କୁ କାର୍ଯ୍ୟକାରୀ କରିଛନ୍ତି । ୧୦ ହଜାର କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ ନେଇ ସରକାର ଅଧିସୂଚନା ଜାରି କରିଛନ୍ତି । ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ ଏ ସଂପର୍କରେ ସୂଚନା ଦେଇ କହିଛି, ଏହି ପଦକ୍ଷେପ ଡିପ୍‌ଟେକ୍ ଷ୍ଟାର୍ଟଅପ୍ ଏବଂ ପ୍ରାରମ୍ଭିକ ଅଭିବୃଦ୍ଧି ପର୍ଯ୍ୟାୟ ଆଧାରିତ ପ୍ରାଥମିକ ଉଦ୍ୟୋଗ କ୍ଷେତ୍ରଗୁଡ଼ିକୁ ସହାୟତା ପ୍ରଦାନ କରିବ । ଭାରତୀୟ କ୍ଷୁଦ୍ର ଶିଳ୍ପ ବିକାଶ ବ୍ୟାଙ୍କ୍ ସିଡ୍‌ବି ଦ୍ୱାରା ବିଜ୍ଞପ୍ତି ପ୍ରକାଶ ପାଇବା ପରଠାରୁ ଏହାର କାର୍ଯ୍ୟାନ୍ୱୟନ ଆରମ୍ଭ ହେବ । ଦେଶର ନବସୃଜନ ନେତୃତ୍ୱାଧୀନ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ମନ୍ତ୍ରଣାଳୟ କହିଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟର ଗତକାଲିର ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ବିଜୟୀ ହୋଇଛି । ହାଇଦ୍ରାବାଦ୍‌ର ରାଜୀବଗାନ୍ଧି ଆନ୍ତର୍ଜାତିକ ଷ୍ଟାଡିୟମ୍‌ଠାରେ ଖେଳାଯାଇଥିବା ମ୍ୟାଚ୍‌ରେ ରାଜସ୍ଥାନ ରୟାଲ୍ସ‌କୁ ୫୭ରନ୍‌ରେ ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପରାସ୍ତ କରିଛି । ଟସ୍ ଜିତି

ରାଜସ୍ଥାନ ରୟାଲ୍ସ ପ୍ରଥମେ ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍‌କୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ସନ୍‌ରାଇଜର୍ସ୍ ହାଇଦ୍ରାବାଦ୍ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ୍ ବିନିମୟରେ ୨୧୬ରନ୍ ସଂଗ୍ରହ କରିଥିଲା । ଅଧିନାୟକ ଇଶାନ୍ କିଶନ୍ ୯୧ରନ୍ ସଂଗ୍ରହ କରିଥିଲେ । ବିଜୟ ଲକ୍ଷ୍ୟକୁ ପିଛା କରି ରାଜସ୍ଥାନ ରୟାଲ୍ସ ୧୯ ଓଭରରେ ସମସ୍ତ ୱିକେଟ୍ ହରାଇ ୧୫୯ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା । ସନ୍‌ରାଇଜର୍ସ ହାଇଦ୍ରାବାଦ୍ ପକ୍ଷରୁ ପ୍ରଫୁଲ୍ଲ ହିଞ୍ଜେ ୪ଟି ୱିକେଟ୍ ନେଇ ରାଜସ୍ଥାନ ରୟାଲ୍ସର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ । ତାଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।

ଆଜି ଚେନ୍ନାଇ ସୁପରକିଙ୍ଗସ୍ ଏବଂ କୋଲକାତା ନାଇଟ୍‌ରାଇଡର୍ସ୍ ମଧ୍ୟରେ ସନ୍ଧ୍ୟା ସାଢ଼େ ୭ଟାରେ ଚେନ୍ନାଇର ଏମ୍.ଏ. ଚିଦାମ୍ବରମ୍ ଷ୍ଟାଡିୟମ୍‌ରେ ମ୍ୟାଚ୍ ଖେଳାଯିବ ।